### ବଲାଙ୍ଗିରରୁ ବିଜେପିକୁ ବିଜେଡିର ଜବାବ

# ମିଛ ପ୍ରତିଶ୍ରୁତି ଦେଉଛି ବିଜେପି




**ବଲାଙ୍ଗିର/ମୁରିବାହାଲ, ଟିଟିଲାଗଡ଼, ୧୨।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାଇଭୋଲଟେଜ ପ୍ରଚାର। ଜିଲ୍ଲାର ତିନୋଟି ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସିଧାସଳଖ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ଆସନ୍ତା ଜୁନ୍ ୪ ତାରିଖରେ ବିଜେଡି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ ୯ ତାରିଖରେ ନୂଆ ସରକାର ଗଠନ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ପ୍ରଥମେ ସିନ୍ଧେକେଲା, ପରେ ମୁରିବାହାଲରେ ନିଜ ପାଇଁ ପ୍ରଚାର କରିବା ପରେ ସେ ବଲାଙ୍ଗିରରେ ଲୋକସଭା ଓ ୭ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖରା ତାତିରେ ମୁଖ୍ୟମନ୍ତ୍ରୀଙ୍କ ଏହି ହାଇଭୋଲଟେଜ ପ୍ରଚାର ବଲାଙ୍ଗିର ରାଜନୀତିକୁ ଆହୁରି ସରଗରମ କରିଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲାଠାରେ ପ୍ରଥମ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଉପସ୍ଥିତ ଥିଲେ। ପରେ ମୁରିବାହାଲ ବ୍ଲକ ଗଁରେଇ ପଡ଼ିଆ ଠାରେ ଆଉ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ନିର୍ବାଚନୀ ସଭା ସରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିରରେ ପହଞ୍ଚିଥିଲେ। ବଲାଙ୍ଗିର ରିଜର୍ଭ ପଡ଼ିଆ ହେଲିପେଡରେ ସେ ଓହ୍ଲାଇବା ପରେ କାରକେଡରେ କୋଶଳ କଳାମଣ୍ଡପରେ ପହଞ୍ଚିଥିଲେ। ଏହି ନିର୍ବାଚନୀ ସଭାରେ ବଲାଙ୍ଗିର ଲୋକସଭା ଅଧୀନ ୭ ବିଧାନସଭା ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ। ମଞ୍ଚଉପରୁ ସିଧାସଳଖ ବିଜେପିକୁ ଟାର୍ଗେଟ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ।



## ନିର୍ବାଚନ ପୂର୍ବରୁ ଧାନ ରାଜନୀତି

ବିଜେପି ଧାନ ଏମ୍‌ଏସ୍‌ପିକୁ ନେଇ ଆରମ୍ଭ କରିଛି ରାଜନୀତି। ବିଜେପି ସରକାର ଆସିଲେ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା କରିବାକୁ ଇସ୍ତାହାରରେ ଘୋଷଣା କରିଛି। ଏପରିକି ଶନିବାର ପ୍ରଧାନମନ୍ତ୍ରୀ ମଧ୍ୟ ନିର୍ବାଚନୀ ପ୍ରଚାର ସଭାରେ ବଲାଙ୍ଗିରରେ ଏହି ଘୋଷଣାକୁ ଦୋହରାଇ ଥିଲେ। ଚାଷୀ ମାନଙ୍କ ଭୋଟ ହାତେଇବା ପାଇଁ ବିଜେପି ଏହି ଯୋଜନା କରିଥିବା ବେଳେ ରବିବାର ବଲାଙ୍ଗିରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଏହାର ଉତ୍ତର ରଖି ବିଜେପିର ମୁଖା ଖୋଲିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଓ ନିରଞ୍ଜନ ପୂଜାରୀ। ଧାନ ଦର ଉପରେ ଶ୍ରୀ ପାଣ୍ଡିଆନଙ୍କ କହିବା ଅନୁସାରେ ଗତ ଦଶ ବର୍ଷ ହେଲା କେନ୍ଦ୍ରରେ ବିଜେପିର ସରକାର ରହିଛି। ଧାନ ଏମ୍‌ଏସ୍‌ପି କେନ୍ଦ୍ର ହିଁ ଧାର୍ଯ୍ୟ କରିଥାଏ। ଯଦି ଧାନଦର ୩୧ ଶହ କରିବାକୁ ବିଜେପି କହୁଛି ତେବେ ଆଜି ପର୍ଯ୍ୟନ୍ତ କାହିଁକି କରିପାରିଲା ନାହିଁ। ଯଦି ବିଜେପି ସତରେ ଏମଏସପି ବଢ଼ାଇବ ତେବେ ନିର୍ବାଚନ ପୂର୍ବରୁ କାହିଁକି ଚାଷୀ ମାନଙ୍କ କଥା ଚିନ୍ତା କରି ଏମଏସ୍‌ପି ବଢ଼ାଇପାରିଲା ନାହିଁ ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନ ପୂଜାରୀ କହିଛନ୍ତି କହିଛନ୍ତି ଏତେ ବର୍ଷ ହେଲା କେନ୍ଦ୍ର ଏମ୍‌ଏସ୍‌ପି ବଢ଼ାଇଲା ନାହିଁ ଅଥଚ ନିର୍ବାଚନ ଜିତିବାକୁ ଚାଷୀ ମାନଙ୍କୁ ଏମ୍‌ଏସ୍‌ପି କଥା କହି ଭୁଆଁ ବୁଲାଉଛି। ସେ ବାଚସ୍ପତି ଥିବା ସମୟରେ ନିର୍ଦ୍ଦିଷ୍ଟ ଏକ ବୈଠକରେ ଏମ୍‌ଏସ୍‌ପି ବଢ଼ାଇବା ପାଇଁ ରାଜ୍ୟ ଉଦ୍ୟମ କରିଥିଲା। କିନ୍ତୁ ସେହି ସମୟରେ ପ୍ରଧାନମନ୍ତ୍ରୀ ଆଲୋଚନା ତ ଦୂରର କଥା ଭେଟିବାକୁ ବି ସମୟ ଦେଲେନାହିଁ। କିଛି ଏହିଭଳି ଢଙ୍ଗରେ ରବିବାର ବିଜେଡି ବିଜେପିର ଏମ୍‌ଏସ୍‌ପି ଦର ରାଜନୀତିକୁ କାଉଣ୍ଟର କରିଛି।

## ନାଚଗୀତରେ ଦୁଲୁକିଲା ମଞ୍ଚ




ରବିବାର ବଲାଙ୍ଗିରରେ ଅନୁଷ୍ଠିତ ବିଜେଡି ନିର୍ବାଚନୀ ସଭାରେ ସ୍ଥାନୀୟ କଳାକାର ମାନଙ୍କ ଗୀତ ଓ ନୃତ୍ୟ ଦେଖିବାକୁ ମିଳିଥିଲା। ମଞ୍ଚକୁ ଅଭିନେତା ପୁପିନ୍ଦର ପରିଚାଳନା କରୁଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରୁକୁ ସୁନାଙ୍କ ସମ୍ବଲପୁରୀ ଗୀତ ବହୁ ସମୟ ଧରି ଲୋକଙ୍କୁ ବାନ୍ଧି ରଖିଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ଲୋକେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିପରି ଅଭିନେତା ସମ୍ବିତ ଓ ଅଭିନେତ୍ରୀ ସୁପ୍ରିୟା ନାଏକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ବିଷୟରେ ଲୋକଙ୍କୁ କହିଥିଲେ।




## ପ୍ରାର୍ଥୀଙ୍କ ମୁହଁରୁ...



ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଓ ପ୍ରଚେଷ୍ଟାରେ ଜିଲ୍ଲାର ଉନ୍ନତି ହୋଇପାରିଛି। ବାପା ବିଧାୟକ ଥିଲେ ମୁଁ ସାଂସଦ ଥିଲି, ସେହି ସମୟରେ ମେଡିକାଲ କଲେଜ ହେବା ସହ ଲୋୟର ସୁକତେଲ କାମ ଆଗକୁ ବଢ଼ିଥିଲା। ଖୋର୍ଦ୍ଧ- ବଲାଙ୍ଗିର ରେଳପଥ, ବଲାଙ୍ଗିର ବାଇପାସ୍ କାମ ଆଗକୁ ବଢ଼ିଥିଲା। ଏହାସହ ନୂଆ ବସ୍‌ଷ୍ଟାଣ୍ଡ, ପାନୀୟ ଜଳ ସମସ୍ୟାର ସମାଧାନ ହୋଇଥିଲା। କିନ୍ତୁ ଗତ ଦଶ ବର୍ଷ ହେଲା ବିରୋଧୀ ଦଳର ବିଧାୟକ ହୋଇଛନ୍ତି। ଏବେ ସମୟ ଆସିଛି କେଉଁ ଦଳ ଓ ପ୍ରାର୍ଥୀ ବଲାଙ୍ଗିରର ବିକାଶ କରିବ ତାକୁ ବିଜୟୀ କରାନ୍ତୁ। ଯେଉଁ ସମୟରେ କେହି ଘରକୁ ବାହାରୁ ନ ଥିଲେ ସେହି ସମୟରେ ଆମେ ଆପଣଙ୍କ ସହ ରହିଥିଲୁ। ବନ୍ୟା, କୋଭିଡ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହାୟତାରୁ ଅନେକ କିଛି ହୋଇପାରିଛି। ତେଣୁ ଏଥର ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରାନ୍ତୁ।

**କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗିର ସଦର ବିଧାୟକ ପ୍ରାର୍ଥୀ**



ଦେଶରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେଉଛନ୍ତି ନବୀନ ପଟ୍ଟନାୟକ। ସେହି ମୁଖ୍ୟମନ୍ତ୍ରୀ ଆଜି ଆମ ପାଖକୁ ଆସିଛନ୍ତି। କେବଳ ଏତିକି ନୁହଁ ସେ ଜିଲ୍ଲାରୁ ପ୍ରାର୍ଥୀ ହୋଇଛନ୍ତି। ଯେଉଁଥିପାଇଁ ମୁଁ ତାଙ୍କୁ କୃତଜ୍ଞତା ଜଣାଉଛି। ଗତ ୨୪ ବର୍ଷ ହେଲା ରାଜ୍ୟ ଏକ ନୂଆ ଦିଗ ଦେଖିପାରିଛି। ଏହାକୁ ଆଗକୁ ଜାରି ରଖିବାକୁ ହେଲେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ହେବ। ଯାହାଙ୍କ ଉଦ୍ୟମରେ ଆଜି ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାର ବିକାଶ ହୋଇପାରିଛି। ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଆସନ୍ତା ୨୦ ତାରିଖରେ ଉଭୟ ଲୋକସଭା ଓ ବିଧାନସଭା ଆସନରେ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରୁଛି।

**ନିହାର ରଞ୍ଜନ ବେହେରା, ଲୋଇସିଂହା ବିଧାୟକ ପ୍ରାର୍ଥୀ**



ବଲାଙ୍ଗିର ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ରହିଥିବା ସମର୍ଥନକୁ ଦେଖି ବିରୋଧୀ ଶିବିର ଚିନ୍ତିତ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ପ୍ରତିଟି ବର୍ଗଙ୍କ ପାଇଁ ଯୋଜନା ହୋଇଛି, ଯାହାର ସୁଫଳ ଲୋକେ ନିଜ ଆଖିରେ ଦେଖିପାରୁଛନ୍ତି। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବାସହ ରାଜ୍ୟକୁ ମଧ୍ୟ ଏକ ନମ୍ବର କରିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କପ୍ରତି ସମର୍ଥନ ଦେଖି ମୁଁ କହୁଛି ସେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବାସହ ଦେଶର ସର୍ବାଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ରହିବାର ଇତିହାସ ରଚିବେ।

**ସରୋଜ ମେହେର, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସମୟରେ ଦାୟିତ୍ୱ ନେଇଥିଲେ ସେହି ସମୟରେ ରାଜ୍ୟ ଅବସ୍ଥା ବହୁତ ଖରାପ ଥିଲା। ଅର୍ଥନୀତି ଭୁଶୁଡ଼ି ପଡ଼ିଥିବା ସତ୍ତ୍ୱେ ତାକୁ ବଳ ଯୋଗାଇ ଆଜି ଏକ ବିକଶିତ ରାଜ୍ୟ ଭାବେ ଠିଆ କରିପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ



ଏକ ନିଆରା ରଣନୀତି ହେଉଛି ସେ କମ୍ କୁହନ୍ତି। କାହିଁକି ନା ତାଙ୍କ କାମ ହିଁ ସବୁକିଛି କହିଥାଏ। ସେଇଥିପାଇଁ ତ ଆମ ମୁଖ୍ୟମନ୍ତ୍ରୀ ଅନ୍ୟମାନଙ୍କ ଠାରୁ ଭିନ୍ନ। ଦେଶ ତଥା ରାଜ୍ୟବାସୀଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ଛାଡିଛନ୍ତି। ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ଓ ଏହି ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୭ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା।

**ପଦ୍ମନାଭ ବେହେରା, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେବେଳେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିଲେ ସେ ଗୋଟିଏ ଲକ୍ଷ୍ୟ ରଖିଥିଲେ। ତାଙ୍କ ବାପା ବିଜୁବାବୁଙ୍କ ମହିଳାମାନଙ୍କୁ ଆଗକୁ ନେବା ସ୍ୱପ୍ନ ପୂରଣ ଦିଗରେ ଉଦ୍ୟମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟାରେ ଆଜି ରାଜ୍ୟର ମହିଳା ମାନଙ୍କ ଦକ୍ଷତା ବିକାଶ ହେବାସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ରୋଷେଇ ଘରୁ ଦୁବାଇ ଯିବାର ସ୍ୱପ୍ନ ଦେଖିପାରୁଛନ୍ତି। ତାଙ୍କ ପଛରେ ଆଉ କିଏ ନୁହଁ, ମୁଖ୍ୟମନ୍ତ୍ରୀଙ୍କ ପରିଶ୍ରମ ଓ ଦୂରଦୃଷ୍ଟି ହିଁ ରହିଛି। ତାଙ୍କୁ ବଲାଙ୍ଗିର ଜିଲ୍ଲାରୁ ଆଶୀର୍ବାଦ କରିବା ସହ ବିପୁଳ ସଂଖ୍ୟାରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇ ବିଧାନସଭା ଓ ଲୋକସଭା ପଠାଇବା। ଫଳରେ ସେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ପାରିବେ।

**ଟୁକୁନି ସାହୁ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ**



ଦିନକ ପୂର୍ବରୁ ବଲାଙ୍ଗିରରେ ବିଜେପିର ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଭାଷଣ ରଖିଥିଲେ। ସେ ଧାନ ଏମ୍‌ଏସ୍‌ପି କଥା କହିଥିଲେ। ମୁଁ ଚାଷୀ ଘର ପୁଅ। ଚାଷୀ ଘରୁ ଯାଇ ବିଧାନସଭାରେ ବସିବାର ସୁଯୋଗ ପାଇଛି। ଏହାରି ଭିତରେ କିନ୍ତୁ ବିଜେପି ଲୋକଙ୍କୁ କେମିତି ଭକୁଆ ବନାଉଛି ତାହା ଦେଖିଛି। ଧାନ ଦର ନିୟନ୍ତ୍ରଣ କେନ୍ଦ୍ର ସରକାରଙ୍କ ପାଖରେ ଥାଏ। ଯଦି ସେମାନେ ଚାଷୀଙ୍କ କଥା ଭାବୁଛନ୍ତି ତେବେ ୧୦ ବର୍ଷ ହେଲା ଧାନଦର କାହିଁକି ବଢ଼ିପାରିଲା ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଋଣଭାର ସହି ମଧ୍ୟ ଧାନ କିଣୁଛନ୍ତି। ବିଜେପି ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି। ତାଙ୍କୁ ବିଶ୍ୱାସ କରନାହିଁ।

**ନିରଞ୍ଜନ ପୂଜାରୀ, ସୋନପୁର ବିଧାୟକ ପ୍ରାର୍ଥୀ**



ଜଣେ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ସଂସଦ ଭଳି ଏକ ପବିତ୍ର ମନ୍ଦିରକୁ ଯିବା ପାଇଁ ସୁଯୋଗ ଦେଇଛନ୍ତି। ଏହା ଆଦିବାସୀମାନଙ୍କ ପ୍ରତି ରହିଥିବା ତାଙ୍କ ସମ୍ମାନ। ବଲାଙ୍ଗିର ଜିଲ୍ଲା ରାଜ୍ୟର ବିକାଶ କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ହୋଇପାରିଛି। ଯିଏବି ବିକାଶର କଥା କହୁଛି ସେ ମିଛ କହୁଛି। ଜିଲ୍ଲାର ବିକାଶକୁ ଦେଖନ୍ତୁ, ରାଜ୍ୟର ଅଗ୍ରଗତିକୁ ଦେଖି ଆସନ୍ତା ୨୦ ତାରିଖରେ ନିଜ ଭୋଟ ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଦିଅନ୍ତୁ।

**ସୁରେନ୍ଦ୍ର ସିଂ ଭୋଇ, ବିଜେଡି ଲୋକସଭା ପ୍ରାର୍ଥୀ**

## ଆମର ବଲାଙ୍ଗିର, ଯୋଡ଼ିଶଙ୍ଖ-ଶୁଭଶଙ୍ଖ ନାରାରେ କମ୍ପିଲା ମଞ୍ଚ

ଆସନ୍ତା ନିର୍ବାଚନ ପାଇଁ ବଲାଙ୍ଗିର କୋଶଳ କଳାମଣ୍ଡପରେ ଅନୁଷ୍ଠିତ ହୋଇଥିବା ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ମଞ୍ଚରେ ବିଭିନ୍ନ ସମୟରେ ଦିଆଯାଉଥିବା ନାରା ଭିତରେ ଦୁଇଟି ନାରା ଲୋକଙ୍କ ମଧ୍ୟରେ ଜୋସ ଭରିଦେଇଥିଲା। ଆମର ବଲାଙ୍ଗିର ଓ ଯୋଡିଶଙ୍ଖ - ଶୁଭଶଙ୍ଖ ନାରାରେ ମଞ୍ଚ ଓ କାର୍ଯ୍ୟକ୍ରମ ସ୍ଥଳ କମ୍ପି ଉଠିଥିଲା।

## ବିଷାକ୍ତ ଖାଦ୍ୟଖାଇ ଛେଳି ମୃତ

**ଖପ୍ରାଖୋଲ, ୧୨।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ଦମେଇପାଲି ପଞ୍ଚାୟତର ଲଛିମାଲ ଗ୍ରାମରେ ବିଷାକ୍ତ ଖାଦ୍ୟ ଖାଇ ଦୁଇଟି ଛେଳିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଛେଳି ଦୁଇଟି ଲଛିମାଲ୍ ଗ୍ରାମର ବ୍ରଜମୋହନ ମାଝୀଙ୍କର ହୋଇଥିବାବେଳେ ସେ ଛେଳି ଚାଷ କରି ପରିବାର ପୋଷଣ କରୁଥିବା ପ୍ରକାଶ କରିଛନ୍ତି। ବ୍ରଜମୋହନ ଜଣେ ଛେଳି ଚାଷୀ ହୋଇଥିବାବେଳେ ସେ ଆଜି ସକାଳେ ନିଜେ ରଖିଥିବା ୪୯ ଟି ଛେଳିକୁ ନିକଟ ଜଙ୍ଗଲକୁ ଚରାଇବା ପାଇଁ ନେଇଥିଲେ। ସେଠାରେ ଛେଳିମାନେ ଡାଳପତ୍ର ଖାଇ ସାରିଲା ପରେ ନିଜ ଘରକୁ ବାହୁଡ଼ିବା ସମୟରେ ରାସ୍ତାର ହଠାତ୍ ଦୁଇଟି ଛେଳି ଟଳମଳ ହୋଇ ପଡ଼ି ଯାଇଥିଲେ, କିଛି ସମୟ ପରେ ସେମାନଙ୍କ ମୁହଁରୁ ଫେଣ ବାହାରୁ ଥିବା ଦେଖି ବ୍ରଜମୋହନ ଘରକୁ ନେଇ ଆସିଥିଲେ। ପରେ ଦୁଇଟି ଛେଳିର ମୃତ୍ୟୁ ଘଟିଥିଲା।

## ସାଇଟ୍ କଲେଜରେ ବିଶ୍ୱ ସେବିକା ଦିବସ

**ବଲାଙ୍ଗିର, ୧୨।୫(ସମିସ):** ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ କଲେଜ ପରିସରରେ ବିଶ୍ୱ ସେବୀକା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର ଫ୍ଲୋରେନ୍ସ ନାଇଟ ଏଙ୍ଗେଲଙ୍କୁ ସେବା ଓ ତ୍ୟାଗର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସ୍ଥାନୀୟ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ଏବଂ ଅଧ୍ୟାପିକା କମରୁନ ନିସା ଧନ୍ୟବାଦ ଅର୍ପଣ କରିଥିଲେ।

## 'ମୁଁ ଆପଣଙ୍କ ବିଧାୟକ ପ୍ରାର୍ଥୀ, ଆପଣମାନେ ଖୁସି ତୋ'

**କଣ୍ଟାବାଞ୍ଜି, ୧୨।୫(ସମିସ):** ରବିବାର ପ୍ରଚାର ମୌଦାନକୁ ଓହ୍ଲାଇଛନ୍ତି ବିଜୁ ଜନତା ଦଳର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ବଙ୍ଗୋମୁଣ୍ଡ ବ୍ଲକର ସିନ୍ଧେକେଲା ଓ ମୁରିବାହାଲ ବ୍ଲକର ଗଁରେଇଠାରେ ଆୟୋଜିତ ଦଳୀୟ ଜନସମାବେଶରେ ଯୋଗଦେଇ ହଜାର ହଜାର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ, ପୂର୍ବତନ ବିଧାୟକ ଆୟୁବ ଖାଁନ, ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ବଲାଙ୍ଗୀର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଜିଲ୍ଲା ଆଇନସେଲ ସଭାପତି ପ୍ରଫୁଲ୍ଲ ନାୟକ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧନଞ୍ଜୟ ମାହାନନ୍ଦ, ପ୍ରମୁଖ ମଞ୍ଚାସିନ ଥିବା ବେଳେ ବିଜୁ ଜନତା ଦଳ କଣ୍ଟାବାଞ୍ଜି ନିର୍ବାଚନ ମୁଖ୍ୟ ସଂଯୋଜକ ଭୂପିନ୍ଦର ସିଂ, ସହ ସଂଯୋଜକ ଦୁର୍ଗା ପ୍ରସାଦ ସାମନ୍ତ ରାୟ, ତୁରେକେଲା ବ୍ଲକ ସଂଯୋଜକ ପ୍ରଶାନ୍ତ ସେଠୀ, ବିଜେଡି ନେତ୍ରୀ ନିରୁପମା ମାଝୀ, ବିଜେଡି ଅମଜତ ଖାଁନଙ୍କ ଓ ହଜାର ହଜାର ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମୁରିବାହାଲରେ ମୁଖ୍ୟମନ୍ତ୍ରୀ

**ବଲାଙ୍ଗିର:** ମୁରିବାହାଲ ବ୍ଲକ ଗାଁରେଇ ଖେଳ ପଡ଼ିଆରେ ମୁଖ୍ୟମନ୍ତ୍ରୀ ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ତାଙ୍କ ସହିତ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ସରକାରୀ ଯୋଜନାର ସୁଫଳ ସମ୍ପର୍କରେ କହିଥିଲେ। ଏଣୁ ପୁଣିଥରେ ଏଠାରୁ ରେକର୍ଡସଂଖ୍ୟକ ଭୋଟରେ ମୁଖ୍ୟମନ୍ତ୍ରୀଙ୍କୁ ବିଜୟୀ କରି ତାଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଆପଣମାନେ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ଏହି ନିର୍ବାଚନୀ ସଭାରେ ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, କଣ୍ଟାବାଞ୍ଜିର ପୂର୍ବ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଯୁବନେତା ଗିରିରାଜ ସିଂ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାଁ, ମୁରିବାହାଲ ବ୍ଲକ ବିଜେଡି ଉପସଭାପତି ଧନଞ୍ଜୟ ମହାନନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା ମୁରିବାହାଲ ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚମାନେ ଉପସ୍ଥିତ ଥିଲେ। ସେହିପରି ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକର ବହୁ ବରିଷ୍ଠ ବିଜେଡି ନେତୃବୃନ୍ଦ, କର୍ମକର୍ତ୍ତା ତଥା ତିନି ବ୍ଲକ ଅଞ୍ଚଳରୁ ଆସିଥିବା ନିର୍ବାଚିତ ଲୋକପ୍ରତିନିଧି, ହଜାର ହଜାର ମହିଳା ଓ ଯୁବ ଭୋଟର ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ; ୧ ଗିରଫ

**ତୁଷୁରା, ୧୨।୫ (ସମିସ):** ତୁଷୁରା ଅବକାରୀ ବିଭାଗ ପକ୍ଷରୁ ତୁଷୁରା ସ୍ଥିତ ତେଳନଦୀ ବ୍ରିଜ ଠାର ୧୧ କେଜି ଗଞ୍ଜେଇ, ସହ ଏକ ବାଇକ୍ ଜବତ କରାଯାଇଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ବୌଦ୍ଧ ଜିଲ୍ଲାର ଅଭିଜାନ (୨୩)ଙ୍କୁ ଗିରଫ କରିଛି ତୁଷୁରା ଅବକାରୀ ବିଭାଗ। ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ତୁଷୁରା ଅବକାରୀ ବିଭାଗ ଓଆଇସି ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଥିଲେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



ଁ ଅରୂପ ବେହେରା
ବାରିପଦା ୧୧ନଂ. ୱାର୍ଡ, ବୁଢ଼ିଖମାରୀ
ଧରାବତରଣ- ୧୫.୦୨.୧୯୭୦
ସର୍ଗାରୋହଣ- ୦୩.୦୫.୨୦୨୪

ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ : -
ପୁଅ - ସାଗର, ଝିଅ- ଶ୍ରାବଣୀ, ସ୍ତ୍ରୀ- ବାସନ୍ତୀ, ବଡ ଭାଇ- ପ୍ରଦୀପ, ବଡ ଭାଉଜ- ପୁଷ୍ପଲତା, ମଝିଆଁ ଭାଉଜ- ଜ୍ୟୋସ୍ନାରାଣୀ, ବଡ ଭଉଣୀ- ଛବିରାଣୀ, ମଝିଆଁ ଭଉଣୀ- ଛାୟାରାଣୀ, ସାନ ଭଉଣୀ- ଛନ୍ଦାରାଣୀ, ବଡ ଭିଣେଇ- ଭାଗିରଥି, ମଝିଆଁ ଭିଣେଇ- ଗୋବର୍ଦ୍ଧନ, ସାନ ଭିଣେଇ- ମେଘନାଦ, ମାଆ- ପ୍ରମିଳା ଏବଂ ସମସ୍ତ ପରିବାର ବୃନ୍ଦ



## ତାଏକ୍ୱୋଣ୍ଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବଲାଙ୍ଗିର, ୧୨।୫(ସମିସ):** ଆଜି ସ୍ଥାନୀୟ ପିପି ଏକାଡେମୀ ହାଇସ୍କୁଲ ପରିସରରେ ଅସିମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋର ମିଳିତ ଉଦ୍ୟମରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ତଥା କରାଟେ ଓ ତାଏକ୍ୱୋଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଏହି ସମରକ୍ୟାମ୍ପରେ କରାଟେ, ତାଏକ୍ୱୋଣ୍ଡୋ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌ÷ଶଳ, ଲାଠି ଚାଳନା, , ଅସ୍ତ୍ରଚାଳନା, ୱେଟ ଲୁଜ ଆଦି ଟ୍ରେନିଂ ଦିଆଯାଉଥିବା କୋଚ ଅସୀମ କୁମାର ଭୋଇ ପ୍ରକାଶ କରିଛନ୍ତି। ଏହି ଶିବିରରେ ୪ ବର୍ଷ ରୁ ୪୫ ବର୍ଷ ପର୍ଯ୍ୟନ୍ତ ମହିଳା ଓ ପୁରୁଷ ପ୍ରଶିକ୍ଷଣ ନୋଇପାରିବେ।

### ଗଣତନ୍ତ୍ରର ମହାନ ଗଣପର୍ବ ପାଇଁ ଉତ୍ସାହ

# ଆଜି କଳାହାଣ୍ଡିର ଭୋଟ୍ ଦେବେ ୧୧, ୯୯, ୩୦୮ ଭୋଟର

**ଭବାନୀପାଟଣା, ୧୨।୫(ସମିସ)**

'ମୋ ଭୋଟ ମୋ ପାଇଁ' ଗର୍ବ ବୋଲି ବିଚାର କରି ସୋମବାର ଜିଲ୍ଲାବାସୀ ନିଜର ମୂଲ୍ୟବାନ ଭୋଟ ଦେଇ ଗଣତନ୍ତ୍ରର ମହାନ ଗଣପର୍ବରେ ସାମିଲ ହେବେ। ନିର୍ବାଚନ କିପରି ସଫଳ ଭାବରେ ଅନୁଷ୍ଠିତ ହେବ ସେନେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନରେ ୧୪୧୨ଟି ବୁଥ୍‌ରେ ୧୧ ଲକ୍ଷ ୯୯ ହଜାର ୩୦୮ ଜଣ ମତଦାତା ସେମାନଙ୍କ ମତଦାନ କରିବା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଲାଞ୍ଜିଗଡ଼, ନର୍ଲା, ଜୁନାଗଡ଼, ଧର୍ମଗଡ଼ ଓ ଭବାନୀପାଟଣାର ଭୋଟରଙ୍କ ମଧ୍ୟରେ ପୁରୁଷ ଭୋଟର ୬ ଲକ୍ଷ ୧୨୬୬ ଜଣ ଥିବାବେଳେ ମହିଳା ଭୋଟର ୫ ଲକ୍ଷ ୯୭ ହଜାର ୯୭୩ ଅଛନ୍ତି। ସେମାନଙ୍କ ବ୍ୟତୀତ ସମଲିଙ୍ଗୀ ଭୋଟର ୬୯ ଜଣ ଥିବା କୁହାଯାଇଛି। ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ସମେତ ୧୧ଜଣ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ୮ ଜଣ ପ୍ରାର୍ଥୀ, ଜୁନାଗଡ଼ ୭, ଧର୍ମଗଡ଼ ୧୧, ଭବାନୀପାଟଣା ୧୨ ଏବଂ ନର୍ଲାରେ ୧୨ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ମତଦାତା। ତେବେ ଜିଲ୍ଲାର ୧୪୧୨ଟି ବୁଥ୍‌ରୁ ଏଥର ସଖି ବୁଥ୍ ୧୩୪ଟି, ମଡେଲ ବୁଥ୍ ୨୮୧ଟି ଥିବା ସମୟରେ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ୫ଟି ଲେଖାଏଁ ଯଙ୍ଗ ବୁଥ୍ କରାଯିବାକୁ ସ୍ଥିର ହୋଇଛି। ଏହି ୨୫ଟି ଯଙ୍ଗ ବୁଥ୍‌ରେ ୩୦ବର୍ଷରୁ କମ ବୟସର ପୋଲିଂ ପାର୍ଟି ରହିବେ। ଅନ୍ୟପକ୍ଷରେ ପ୍ରତି ଭୋଟ କେନ୍ଦ୍ର ପାଇଁ ୬ ଜଣିଆ ପୋଲିଂ ଷ୍ଟାଫ୍‌ଙ୍କୁ ଆବଶ୍ୟକୀୟ ଉପକରଣ ତଥା ଇଭିଏମ୍ ମେସିନ ସହ ଅନ୍ୟ ସମସ୍ତ ଜରୁରୀ ସାମଗ୍ରୀ ଯୋଗାଇ ଦିଆସରିଛି। ୮୪୭୨ ପୋଲିଂ କର୍ମଚାରୀ ବିଭିନ୍ନ ବୁଥକୁ ଯାଇଛନ୍ତି। ତେବେ ଶନିବାର ନର୍ଲା ଓ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପୋଲିଂ କର୍ମଚାରୀ ବୁଥ୍‌କୁ ଯାଇଥିବାବେଳେ ରବିବାର ଭବାନୀପାଟଣା, ଧର୍ମଗଡ଼ ଓ ଜୁନାଗଡ଼ ନିର୍ବାଚନମଣ୍ଡଳୀ ବୁଥକୁ ପୋଲିଂ କର୍ମଚାରୀମାନେ ଯାଇଛନ୍ତି। ଧର୍ମଗଡ଼ ଉପଖଣ୍ଡରେ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ବୁଥ୍‌ରେ କର୍ମଚାରୀମାନଙ୍କ ସମସ୍ତ ସମଗ୍ରୀ ସହିତ ପହଞ୍ଚିବାର ବ୍ୟବସ୍ଥା ହୋଇଛି। ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ନର୍ଲା, ଲାଞ୍ଜିଗଡ଼ ଓ ଭବାନୀପାଟଣା ନିର୍ବାଚନମଣ୍ଡଳୀର ସମସ୍ତ ପୋଲିଂ କର୍ମଚାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ୨୯୬ ବୁଥ୍‌ରେ ୨ ଲକ୍ଷ ୨୯ ହଜାର ୪୧୮ ମତଦାନ କରିବେ। ସେହିପରି ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୨୭୪ ବୁଥ୍‌ରେ ୨ ଲକ୍ଷ ୪୫ ହଜାର ୫୫୫ ଜଣ, ଧର୍ମଗଡ଼ ନିର୍ବାଚନମଣ୍ଡଳୀର ୨୯୩ ବୁଥରେ ୨୬୦୬୫୨ଜଣ, ଭବାନୀପାଟଣା ନିର୍ବାଚନମଣ୍ଡଳୀର ୨୬୮ ବୁଥ୍‌ରେ ୨୩୨୭୮୦ଜଣ ଏବଂ ନର୍ଲା ନିର୍ବାଚନମଣ୍ଡଳୀର ୨୭୯ ବୁଥରେ ୨ ଲକ୍ଷ ୩୦ ହଜାର ୯୦୩ଜଣ ଭୋଟର ସେମାନଙ୍କ ମତଦାନ କରିବେ। ଏହି ନିର୍ବାଚନରେ ପୁରୁଷ ଭିନ୍ନକ୍ଷମ ୯୯୯୫ ଓ ମହିଳା ଭିନ୍ନକ୍ଷମ ୭୩୧୮ଜଣ ମିଶି ୨୭ ହଜାର ୩୧୬ ଭିନ୍ନକ୍ଷମ ମଧ୍ୟ ନିର୍ବାଚନରେ ଭାଗନେବା ଲାଗି ବ୍ୟବସ୍ଥା କରାଯାଇଛି। ଆଗାମୀ ନିର୍ବାଚନରେ ନୂଆ ଭୋଟର ଅର୍ଥାତ ୧୮ରୁ ୧୯ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୩୪ ହଜାର ୬୫୮ ଜଣ, ସେମାନଙ୍କ ମଧ୍ୟରେ ପୁରୁଷ ୧୯ ହଜାର ୪୬୯ ଏବଂ ମହିଳା ୧୫ ହଜାର ୧୮୭ଜଣ ବୋଲି ଜଣାଯାଇଛି। ସବୁଠାରୁ ବଡ଼ କଥା ଯେ, ଜିଲ୍ଲାରେ ଶତାୟୁ ଭୋଟରଙ୍କ ସଂଖ୍ୟା ଅଧିକ। ୧୦୦ରୁ ୧୦୯ ମଧ୍ୟରେ ୨୫୫ ଜଣ, ୧୧୦ ରୁ ୧୧୯ ବର୍ଷ ବୟସର ଭୋଟର ୧୪ଜଣ ଥିବା ସମୟରେ ଦୁଇ ଜଣ ୧୨୦ ବର୍ଷରେ ପହଞ୍ଚିଥିବା ମହିଳା ଓ ପୁରୁଷ ଭୋଟର ରହିଛନ୍ତି। ୮୫ ବର୍ଷ ପାର ହୋଇଥିବା ଭୋଟରଙ୍କ ଲାଗି ମତଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭିତ୍ତିରେ କରାଯାଇଛି। ୨୦୨୪ ନିର୍ବାଚନ ଯେପରି ନିର୍ମଳ, ନିର୍ବିଘ୍ନ ଓ ନିର୍ବିବାଦୀୟ ହେବ ସେନେଇ ଜିଲ୍ଲାପ୍ରଶାସନ ଓ ପୁଲିସ ପ୍ରଶାସନ ତତ୍ପର ଅଛନ୍ତି। ତେବେ କଳାହାଣ୍ଡି ଏକ ମାଓପ୍ରବଣ ଅଞ୍ଚଳ ହୋଇଥିବାରୁ ୧୧୪ଟି ନକ୍ସଲ ପ୍ରବଣ ଅଞ୍ଚଳର ବୁଥ୍ ଏବଂ ୨୬ଟି ଅତ୍ୟନ୍ତ ସମ୍ବେଦନଶୀଳ ବୁଥ୍ ଥିବା ଜଣାପଡ଼ିଛି। ପୂର୍ବରୁ ଜିଲ୍ଲାର ୨୦୦୦ରୁ ଊର୍ଦ୍ଧ୍ୱ ପୁଲିସଙ୍କୁ ନିର୍ବାଚନ ପରିଚାଳନା ଜନିତ ତାଲିମ ଦିଆଯାଇଥିଲା। ଜିଲ୍ଲାର ସମସ୍ତ ପୁଲିସ କର୍ମଚାରୀ ତଥା ହୋମ୍‌ଗାର୍ଡ ନିର୍ବାଚନ ପରିଚାଳନା କାର୍ଯ୍ୟରେ ବିଭିନ୍ନ ବୁଥ୍‌କୁ ପଠାଯାଇଥିବା ଜଣାଯାଇଛି। କଳାହାଣ୍ଡି ଏକ ନକ୍ସଲପ୍ରବଣ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟାପ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିବା କଥା ଏସ୍‌ପି ଅଭିଲାଷ ଜି ପ୍ରକାଶ କରିଛନ୍ତି।

**● ୧୩୪ ସଖୀ ବୁଥ୍, ୨୮୧ ମଡେଲ ବୁଥ୍**

### ● ଧର୍ମଗଡ଼ ନିର୍ବାଚନମଣ୍ଡଳୀ

## ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ଭୋଟର

**କୋକସରା, ୧୨।୫(ସମିସ):** ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ର ଚତୁର୍ଥ ପର୍ଯ୍ୟାୟ ତଥା ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାରେ ୪ଟି ସଂସଦୀୟ କ୍ଷେତ୍ର ଯଥା କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଏବଂ ଏସବୁ ସଂସଦୀୟ କ୍ଷେତ୍ର ଅଧୀନ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୧୭, ୦୦, ୭୮୦ ଜଣ ମତଦାତା ରହିଥିବାବେଳେ ଧର୍ମଗଡ଼ରେ ୨, ୫୯, ୮୯୮ ଜଣ ମତଦାତା ରହିଛନ୍ତି। କଳାହାଣ୍ଡି ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଆସନ ଧର୍ମଗଡ଼ରେ ଏଥର ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ବିଜେପିରୁ ସୁଧିର ପାଟ୍ଟଯୋଷୀ ଓ କଂଗ୍ରେସରୁ ରଶ୍ମୀରେଖା ରାଉତ ଲଢ଼େଇ କରୁଛନ୍ତି। ଏହାରି ଭିତରେ ଅନ୍ୟ ୯ଜଣ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀ ତିନି ପ୍ରମୁଖ ଦଳର ହାର୍‌ଜିତ୍‌ରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ଧର୍ମଗଡ଼ ନିର୍ବାଚନମଣ୍ଡଳୀର କୋକସରା, ଧର୍ମଗଡ଼ ଓ ଜୟପାଟଣା ବ୍ଲକର ୪ଟି ପଞ୍ଚାୟତର ଭୋଟର ବେଶ୍ ଉତ୍ସାହିତ ଅଛନ୍ତି। ଭୋଟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଏହା ପରେ ପ୍ରାର୍ଥୀଙ୍କ ଭାଗ୍ୟ ବାଲାଟ ବକ୍ସ ମଧ୍ୟରେ ବନ୍ଦ ରହିବ।

**● ଗଣତନ୍ତ୍ରର ମହାପର୍ବ ନିର୍ବାଚନକୁ ନେଇ ଉତ୍ସବର ମାହୋଲ**

## ନିର୍ବାଚନ ପୂର୍ବରୁ ସ୍ଥିତି ଜାହିର କଲେ ମାଓବାଦୀ

**ମ.ରାମପୁର, ୧୨।୫(ସମିସ):** ଆଜି ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ। ନିର୍ବାଚନର ଦିନକ ଆଗରୁ ମାଓବାଦୀ ପୋଷ୍ଟର ମିଳିଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନ ଜାତୀୟ ରାଜପଥ ୫୯ର କେନ୍ଦୁଘାଟି ନିକଟ ରାସ୍ତାକଡ଼ରେ ରବିବାର ଏକାଧିକ ସ୍ଥାନରେ ମାଓବାଦୀ ପୋଷ୍ଟର ଲାଗିଛି। ଏହି ପୋଷ୍ଟର କେକେବିଏନ୍ ଡିଭିଜନାଲ କମିଟି ତରଫରୁ ଲଗାଯାଇଛି। ତେବେ ଏହି ପୋଷ୍ଟର ମାଧ୍ୟମରେ ମାଓବାଦୀ ନିଜର ଉପସ୍ଥିତି ଜାହିର କରିଛନ୍ତି।

## ଗୋପାଳମାଳ ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପଲଶାଗୋରା, ୧୨।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ଗୋପାଳମାଳ ଗ୍ରାମରେ ଷୋହଳପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି।



ଶୁକ୍ରବାର ସକାଳୁ ନାମ ଆରମ୍ଭ ହୋଇଥିବା ବେଳେ ଏହା ପୂର୍ବରୁ ଗ୍ରାମର ମହିଳାମାନେ ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀରୁ ବିରାଟ କଳସ ଶୋଭାଯାତ୍ରାରେ ବାହାରିଥିଲେ। ୨ ଦିନ ଧରି ହୋଇଥିବା ଯଜ୍ଞରେ ୨୦ରୁ ଅଧିକ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଯଜ୍ଞରେ ସୁଶୀଲ ପ୍ରଧାନ ଓ ତାଙ୍କ ପତ୍ନୀ ରୋଜାଲିନ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞରେ ଅନନ୍ତ ଶତପଥୀ ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଅରବିନ୍ଦ ପାଣ୍ଡେ, ବିଜିତ ପ୍ରଧାନ, ଶୁକ୍ରୁ ତରିଆ, ପ୍ରଫୁଲ୍ଲ କୁଦେଇ, ବିଚିତ ବାଘ, ଶ୍ରୀଚରଣ ବାରିକ, ବିରାଟ ବଗର୍ତ୍ତି, ଫିରୋଜ ବାଘ, ସୁଧୀର ବାରିକ, ବାବୁଲାଲ ବାରିକଙ୍କ ସହ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ସେବିକା ଦିବସ ସମାରୋହ



**ଭବାନୀପାଟଣା, ୧୨।୫(ସମିସ):** ବିକାଶ ନର୍ସିଂ କଲେଜରେ ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବରଙ୍ଗପୁର ନର୍ସିଂ ଅଫିସର ସେବତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ଏବଂ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନଚାର୍ଜ ଡି. ବିଜୟା, ମ୍ୟାନେଜିଙ୍ଗ ମେମ୍ବର ଡି. ପଦ୍ମିନୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିକାଶ ବିଜ୍ଞାନ କଲେଜର ଅଧ୍ୟକ୍ଷ ଡ. ଆଦିତ୍ୟ ପଟ୍ଟନାୟକ, ବିକାଶ + ୨ କଲେଜ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ଆମନ୍ତ୍ରିତ ଅତିଥି ରୂପେ ଯୋଗଦେଇଥିଲେ। ଉତ୍ସବଟି ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା କେ. ଜୟଶ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଉତ୍ସବରେ ବିକାଶ ନର୍ସିଂ କଲେଜର ବିଏସସି ନର୍ସିଂ ତୃତୀୟ ବର୍ଷ ଓ ଜିଏନଏମ୍ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ। ଆନ୍ତର୍ଜାତିକ ସେବିକା ଦିବସକୁ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ବିକାଶ ନର୍ସିଂ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପିକା ପାଳନ କରିଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ମ.ରାମପୁର, ୧୨।୫(ସମିସ):** କଳାହାଣ୍ଡି ଜିଲ୍ଲାର ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ମହାକୁଡ଼ (୪୯)ଙ୍କ ଶନିବାର ବିଳମ୍ବିତ ରାତିରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ଦୁଇ ଦିନ ହେଲା ଦେହ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା; ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଜନ୍ମମାଟି ମ. ରାମପୁର ପଞ୍ଚାୟତ ଗୌଡ଼କେଲା ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ମହାଖୁଡ଼ ମ. ରାମପୁର ଓକିଲ ସଂଘର ସଦସ୍ୟ ଥିବା ସହିତ ଚନ୍ଦ୍ରମଣି ନାଟ୍ୟ ସଂଘର ସହ ସମ୍ପାଦକ ଥିଲେ। ଏଥିସହିତ ସେ ସାର୍ବଜନୀନ ଦୁର୍ଗା ପୂଜା କମିଟିର ସମ୍ପାଦକ ଓ ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ସହଯୋଗୀ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।



## ଲୋକ ଅଦାଲତରେ ୭୨୭ ମାମଲାର ଫଇସଲା




**ଭବାନୀପାଟଣା, ୧୨।୫(ସମିସ):** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡ଼ିକରେ ଚଳିତ ବର୍ଷ ୨୦୨୪ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦୀପ୍ତିରଞ୍ଜନ କାନୁନ୍‌ଗୋ ଓ ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣ ଶୁଭଗୌତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୯ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୬୨ ଲକ୍ଷ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୧୮ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇ ୨ ଲକ୍ଷ ୧୪ ହଜାର ୬୦୦ ଟଙ୍କା ସମାଧାନ କରାଯାଇଥିଲା। ବିଚାର ଯୋଗ୍ୟ ୧୬୨ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିବାବେଳେ ଏନ୍‌ଆଇଆକ୍ଟ କେସ୍‌ରେ ୮ଟି ଫଇସଲା କରାଯାଇ ୨୯ ଲକ୍ଷ ୭୧ ହଜାର ୪୯୨ ଟଙ୍କା ଆଦାୟ କରାଯାଇଥିଲା। ବିବାହଜନିତ ମକଦମା ୫ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୩୪୫ଟି ଫଇସଲା କରାଯାଇ ୬ ଲକ୍ଷ ୭ ହଜାର ୪୬୬ ଟଙ୍କା ଆଦାୟ କରାଯାଇଥିବାବେଳେ ୧୮୦ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୨୩ ଲକ୍ଷ ୨୭ ହଜାର ୭୬୮ ଟଙ୍କା ୫୮ ପଇସା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ଲଳିତ କୁମାର ଦାସ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସ୍ମୃତିଲେଖା ବାରିକ, ସିନିୟର ସିଭିଲ ଜଜ୍ ସମାପିକା ମହାନ୍ତି, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ କଳାହାଣ୍ଡି ସୁଭଗତମ ମିଶ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପି. ସୀତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମୃତ ତନୟା ଓ ଚନ୍ଦନ ସେଠି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲାଜଜ୍ (ଏଫ୍‌ଟିଏସ୍‌ସି) ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଶ୍ରୀଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଆଜି ମତଦାନ**

# ୬୦୪ ବୁଥ୍‌ରେ ସୁରକ୍ଷିତ ପହଞ୍ଚିଲା ପୋଲିଂ ଟିମ୍











**ନୂଆପଡ଼ା, ୧୨।୫(ସମିସ)**

କଳାହାଣ୍ଡି ସଂସଦୀୟ କ୍ଷେତ୍ରର ସୋମବାର ନିର୍ବାଚନ। ଜିଲ୍ଲାରେ ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପରିଚାଳନା ସକାଶେ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ଖଡିଆଳ ଏବଂ ନୂଆପଡ଼ାର ମୋଟ ୬୦୪ଟି ବୁଥ୍‌ରେ ପୋଲିଂ ଟିମ୍ ପହଞ୍ଚିଛନ୍ତି। ଏଥିସକାଶେ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

ରବିବାର ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ପୋଲିଂ ଟିମ୍‌ଗୁଡିକୁ ନୂଆପଡ଼ାରୁ ଛଡ଼ାଯାଇଥିବାବେଳେ ସୋମବାର ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ଛଡାଯାଇଛି। ଏଥିସକାଶେ ନୂଆପଡ଼ା ନ୍ୟାସନାଲ କଲେଜରେ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ଜିଆର୍ ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଟିମ୍‌ଗୁଡିକୁ ସୁରକ୍ଷିତ ଭାବେ ଛାଡିବାର ବ୍ୟବସ୍ଥା କରାଯାଇଥିଲା।

### ● ହେଲିକପ୍ଟରରେ ଗଲେ ୫ ପୋଲିଂ ଟିମ୍

ନୂଆପଡ଼ା ଜିଲ୍ଲାର ମାଓବାଦୀ ପ୍ରବଣ ତଥା ଦୁର୍ଗମ ଇଲାକାରେ ଥିବା ପୋଲିଂ ଷ୍ଟେସନ ଗୁଡିକରେ ପୋଲିଂ ଟିମ୍‌ଗୁଡିକୁ ସୁରକ୍ଷିତ ଭାବେ ଛାଡିବାର ବ୍ୟବସ୍ଥା କରାଯାଇଥିଲା। ଏଥି ସକାଶେ ନୂଆପଡ଼ା ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏହି ଟିମ୍‌ଗୁଡିକୁ ପଠାଯାଇଥିଲା। ସ୍ଥାନୀୟ ଗୋତମାସ୍ଥିତ ଏୟାରଷ୍ଟ୍ରିପରେ ହେଲିକପ୍ଟର ଅବତରଣ କରିଥିଲା। ଏଥିରେ ଦୁଇଟି ଟ୍ରିପ୍‌ରେ ସୁନାବେଡା ଅଭୟାରଣ୍ୟର ସୁନାବେଡାର ୭୩ନମ୍ବର ବୁଥ୍, ସୋସେଙ୍ଗ ୨୭୦ନମ୍ବର ବୁଥ୍, ଜାମଗାଁ ୭୪ନମ୍ବର ବୁଥ, ଗାତିବେଡା ୭୫ନମ୍ବର ବୁଥ୍, ଦେଓସିଲର୭୧ନମ୍ବର ବୁଥ୍‌ଲାଗି ୩୫ଜଣ କର୍ମଚାରୀଙ୍କୁ ନିଆଯାଇଥିଲା।

### ● ପୋଲିଂ କର୍ମଚାରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ

ନିର୍ବାଚନ ଗଣତନ୍ତ୍ରର ଏକ ମହାନ ପର୍ବ। ଏହାକୁ ନୂଆପଡ଼ା ଜିଲ୍ଲାର ସମସ୍ତ ବୁଥ୍ ଅଞ୍ଚଳରେ ପାଳନ କରାଯାଉଛି। ଏଥିରେ କେବଳ ଭୋଟ୍ ଦେଇ ନିଜର କର୍ତ୍ତବ୍ୟ ସାରିଦେବେ ତାହା ନୁହେଁ; ବରଂ ଏହାକୁ ଲୋକେ ପର୍ବ ଭାବରେ ଗ୍ରହଣ କରୁଛନ୍ତି। ନୂଆପଡ଼ାରୁ ବାହାରି ବିଭିନ୍ନ ପୋଲିଂ ଷ୍ଟେସନରେ ନିର୍ବାଚନୀ ଟିମ୍ ପହଞ୍ଚିଲାବେଳକୁ ଗ୍ରାମବାସୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ସ୍ଥାନୀୟ ଲଖନା କ୍ଲଷ୍ଟରର କୁକୁରୀମୁଣ୍ଡି ବିଦ୍ୟାଳୟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ ସିଆରସିସି ବିଶ୍ୱଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ ଘାସିରାମ ଶବର ନେତୃତ୍ୱ ନେଇଥିଲେ। ପୂର୍ବାହ୍ନରେ ଟିମ୍ ପହଞ୍ଚିଲାପରେ ଗାଁର ମହିଳାମାନେ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ବାଜା ଗାଜା ସହ ସମଗ୍ର ଗାଁ ଦୁଲୁକିଥିଲା। ଏଭଳି ବାତାବରଣ ଦେଖି କର୍ମଚାରୀ ଉତ୍ସାହିତ ହୋଇଥିଲେ।

### ● ୪୦ ସଖୀ ବୁଥ୍‌ରେ ପହଞ୍ଚିଲେ ମହିଳା କର୍ମଚାରୀ

ବୁଥ୍‌ଗୁଡିକରେ ମତଦାତାଙ୍କୁ ଉତ୍ସାହିତ କରି ମତଦାନର ହାର ବୃଦ୍ଧି କରିବାକୁ ସହର ତଥା ଆଖପାଖ ଅଞ୍ଚଳରେ ସଖୀ ବୁଥ୍ ଅର୍ଥାତ ପିଙ୍କ୍ ବୁଥ୍‌ର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ନୂଆପଡ଼ା ଏବଂ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୪୦ଟି ସଖୀ ବୁଥ୍ କରାଯାଇଛି। ଏଥି ସକାଶେ ସମସ୍ତ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

### ● ୬୦୪ ବୁଥ୍‌ରେ ଭୋଟ୍‌ଦେବେ ୪ ଲକ୍ଷ ୯୪୪୬ ମତଦାତା

ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୬୦୪ଟି ବୁଥ୍‌ରେ ୪ଲକ୍ଷ ୯୪ହଜାର ୪୪୬ଜଣ ମତଦାତା ଭୋଟ ଦେବେ। ଏଥିରେ ନୂଆପଡ଼ା -୭୧ରେ ୨ଲକ୍ଷ ୪୨ହଜାର ୪୪୮ ମତଦାତା ରହିଥିବାବେଳେ ଖଡିଆଳ-୭୨ରେ ୨ଲକ୍ଷ ୫୧ହଜାର ୯୯୮ ମତଦାତା ରହିଛନ୍ତି। ଏଥିରେ ପୁରୁଷ ମତଦାତା ହାର ୪୯.୭୯ ପ୍ରତିଶତ ରହିଥିବାବେଳେ ମହିଳା ମତଦାତା ହାର ୫୦.୨୦ପ୍ରତିଶତ ରହିଛି। ୪୦ଟି ସଖି ବୁଥ୍ ରହିଥିବାବେଳେ ଭିନ୍ନକ୍ଷମଙ୍କ ସକାଶେ ୨ଟି ଏବଂ ୩୦ବର୍ଷରୁ କମ ବୟସର ମତଦାତାମାନଙ୍କ ସକାଶେ ୧୦ଟି ଆଦର୍ଶ ବୁଥ୍ ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥ୍‌ଗୁଡିକରେ ୭ଜଣ କର୍ମଚାରୀ ନିଯୁକ୍ତ କରାଯାଇଥିବାବେଳେ ପରିଚାଳନା ଏବଂ ତଦାରଖ ସକାଶେ ଏହିଭଳି ମୋଟ ୬ହଜାର କର୍ମଚାରୀ ନିୟୋଜିତ କରାଯାଇଛି। ସମସ୍ତ ପ୍ରକାର ବ୍ୟବସ୍ଥାର ତଦାରଖ ସକାଶେ ଜିଲ୍ଲା ମୁଖ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ବିନିକାରେ ବିଜେଡିର ମିଶ୍ରଣ ପର୍ବ



**ବିନିକା/ବୀରମହାରାଜପୁର, ୧୨।୫ (ସମିସ):** ବିନିକାରେ ରବିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ବାଙ୍କୀଘିଂ, ସିନ୍ଦୂରପୁର, ଭଣ୍ଡାର, ବାବୁପାଲି ପଞ୍ଚାୟତର ୫୦୦ରୁ ଅଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିବା କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଯୁବ ସଭାପତି ଅଶୋକ ନନ୍ଦ, ରାଜ୍ୟ ଯୁବ ବିଜେଡି ଉପସଭାପତି ମାନଭଞ୍ଜନ ବେହେରା (ଟିଟୁ), ସୁଶାନ୍ତ ପଣ୍ଡା, ସିନ୍ଦୂରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେଶ୍ୱର ମହାକୁର, ପ୍ରବୀଣ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ବୀରମହାରାଜପୁର ବିଜେଡି ବିଧାନସଭା ପ୍ରାର୍ଥୀ ବିଧାୟକ ପଦ୍ମନାଭ ବେହେରା ଏବଂ ବଲାଙ୍ଗୀର ଲୋକସଭା ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ବୈଠକରେ ସଂକଳ୍ପ ନେଇଥିଲେ।

# ବାଉଁଶୁଣିରେ ବିଜେଡିର ମହିଳା, ଯୁବ, ଛାତ୍ର ସମାବେଶ






**ବାଉଁଶୁଣି/ମନମୁଣ୍ଡା, ୧୨।୫(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ବାଉଁଶୁଣୀରେ ରବିବାର ବିଜେଡି ପକ୍ଷରୁ ବିଶାଳ ମହିଳା, ଯୁବ, ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଳା ରାଜ୍ୟ ସମ୍ପାଦିକା ଅନସୂୟା ତ୍ରିପାଠୀ (ଅଂଶୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ସମାବେଶରେ କଣ୍ଟାମାଳ ବିଧାୟକ ପ୍ରାର୍ଥୀ ମହୀଧର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



ଖଲିଆପାଲି ସରପଞ୍ଚ ସଂଯୁକ୍ତା ମେହେର, ଗୋଛାପଡ଼ା ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳୀ ବାରିକ, ତାଳସରଡ଼ା ସରପଞ୍ଚ ସସ୍ମିତା ପାଣ୍ଡେ, ବୌଦ୍ଧ ଜିଲ୍ଲା ବିଜେଡି ମହିଳା ସଭାପତି ଜସ୍ମିନ ପ୍ରଧାନ, କଣ୍ଟାମାଳ ବିଜେଡି ନିର୍ବାଚନୀ ସଂଯୋଜିକା ପ୍ରିୟଦର୍ଶିନୀ ମହାପାତ୍ର, ଯୁବ ଛାତ୍ରଛାତ୍ରୀ ମୁଖପାତ୍ର ଅପୂର୍ବା ଅପରୂପା, ସିନେ କଳାକାର ସୋଫିଆ ଆଲମ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରାର୍ଥୀ ମହୀଧର ରଣା ଓ କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବା ସହ ଷଷ୍ଠ ଥର ପୁଣି ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଆସନରେ ବସାଇବା ପାଇଁ ସିନେ ଅଭିନେତ୍ରୀ ସୋଫିଆ ଆଲାମ ଆହ୍ୱାନ ଦେଇଥିଲେ। ସମାବେଶରେ ବୌଦ୍ଧ ବ୍ଲକର ୧୨ଟି ପଞ୍ଚାୟତର ପ୍ରାୟ ୩ ହଜାର ମହିଳା ଯୋଗ ଦେଇଥିଲେ। ବିଜେଡି ଜିଲ୍ଲା ଛାତ୍ର ସଭାପତି ଉଦିତ ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ■ ଅନ୍ୟ ଜାତିରେ ଝିଅ ବାହା ହୋଇଥିଲା ବୋଲି...

# ବାପା ଶବକୁ ମିଳିଲାନି କାନ୍ଧ



**ବୌଦ୍ଧ, ୧୨।୫ (ସମିସ):** ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବାପାର ଶବକୁ ମିଳିଲାନି କାନ୍ଧ। ଯେତେ କାକୁତିମିନତି, ନେହୁରା ହେଲେ ବି ସାହିଭାଇ କେହି ଆସିଲେନି। ଓଲଟି ବିବାହିତ ଝିଅ ଆଗରେ ଅଜବ ସର୍ତ୍ତ ରଖିଲେ। ଚୂଡ଼ି, ଶଙ୍ଖା ଭାଙ୍ଗି ଜାତିକୁ ଫେରିବା ସହ ନିୟମ ଅନୁସାରେ ଭୋଜି ଦେବାକୁ କହିଲେ। କିନ୍ତୁ ଏଥିରେ ପରିବାରଲୋକ ଅକ୍ଷମତା ପ୍ରକାଶ କରିବାରୁ ପାଖାପାଖି ୧୨ ଘଣ୍ଟା ଧରି ଘର ଭିତରେ ସେମିତି ପଡ଼ି ରହିଲା ଶବ। ସବୁଆଡୁ ନିରାଶ ହେବା ପରେ ପରିବାରଲୋକ ଏକ ଟ୍ରଲି ରିକ୍ସାରେ ଶବକୁ ନେଇ ଶ୍ମଶାନରେ ଦାହ ସଂସ୍କାର କରାଇଛନ୍ତି। ବୌଦ୍ଧ ସହର ବାପୁଜୀନଗର ଅଞ୍ଚଳରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

**● ୧୨ ଘଣ୍ଟା ପଡ଼ି ରହିଲା ମୃତଦେହ**

**● ଟ୍ରଲିରେ ବୋହି ବୋହି ଶ୍ମଶାନକୁ ନେଲେ ପରିବାରବର୍ଗ**

ସୂଚନାନୁଯାୟୀ, ଏଠାରେ ବସବାସ କରୁଥିବା ନୀଳାମ୍ବର ମେହେରଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଥିଲା। ନୀଳାମ୍ବରଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଝିଅ ସୁନି ଘରେ ପହଞ୍ଚିଥିଲେ। ଅନ୍ତିମ ସଂସ୍କାର ପାଇଁ ନିଜ ଜାତି ଲୋକଙ୍କ ସେ ସହାୟତା ଲୋଡ଼ିଥିଲେ। କିନ୍ତୁ ସୁନି ଅନ୍ୟ ଜାତିରେ ବିବାହ କରିଥିବାରୁ ଜାତିଭାଇ ସେହି ପୁରୁଣା ରାଗକୁ ଧରି ବସିଥିଲେ। ନୀଳାମ୍ବରଙ୍କ ଶବ ଉଠାଇବା ପାଇଁ ସେମାନେ ସୁନିଙ୍କୁ ଜାତିକୁ ଫେରିବା ପାଇଁ କହିଥିଲେ। ଏହି ନିୟମ ମୁତାବକ, ସେମାନେ ସୁନିଙ୍କୁ ଚୂଡ଼ି, ଶଙ୍ଖା ଭାଙ୍ଗିବା ସହ ଭୋଜି ଦେବାକୁ ଦାବି କରିଥିଲେ। କିନ୍ତୁ ଗରିବ ସୁନି ଜାତିଭାଇଙ୍କ ଦାବି ମୁତାବକ ଅର୍ଥ ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଜାତିଭାଇ ଆଉ ତାଙ୍କ ପାଖ ମାଡ଼ିନଥିଲେ। ଯେତେ ନେହୁରା ହେଲେ ବି ସେମାନେ ଆଡ଼ ଆଖିରେ ବି ଅନାଇ ନଥିଲେ। ଏଭଳି ଭାବେ ପ୍ରାୟ ୧୨ ଘଣ୍ଟା ବିତିଯିବା ପରେ ସୁନି ନିଜକୁ ଦମ୍ଭ କରି ବାପାଙ୍କ ଅନ୍ତିମ ସଂସ୍କାର ନିଜେ କରିବାକୁ ଅଣ୍ଟା ଭିଡ଼ିଥିଲେ। ଭାଇ ଓ ପରିବାରର ଅନ୍ୟ ଜଣଙ୍କ ସହାୟତାରେ ସେ ଏକ ଟ୍ରଲି ରିକ୍ସାରେ ନୀଳାମ୍ବରଙ୍କ ଶବକୁ ବୋହି ବୋହି ଶ୍ମଶାନକୁ ନେଇଥିଲେ। ପରେ ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲେ।

# ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ଉପରେ ଆକ୍ରମଣ

**ଶଗଡ଼ା, ୧୨।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗଙ୍କ ପ୍ରଚାର ଗାଡ଼ି ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରବିବାର ଅପରାହ୍ନ ପ୍ରାୟ ୨ଟାରେ ଘଣ୍ଟାପଡ଼ା ପଞ୍ଚାୟତର ପୋଡ଼ାପଦର ଛକରେ ଥିବା ଏକ ହୋଟେଲ ସମ୍ମୁଖରେ ପ୍ରଚାର ଗାଡ଼ି ଠିଆ ହୋଇଥଲା। ଏତିକିବେଳେ ୨ଟି ଗାଡ଼ିରେ ପ୍ରାୟ ୧୦ ଜଣ ଆସି ଗାଳିଗୁଲଜ କରିବା ସହ ପ୍ରଚାର ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଗାଡ଼ିରେ ଲାଗିଥିବା ବ୍ୟାନର ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥିଲେ। ଖବର ପାଇ ଘଣ୍ଟାପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଗାଁରେ ଜମୁଛି ନିର୍ବାଚନ ପ୍ରଚାର

# ନିରଞ୍ଜନଙ୍କ ପ୍ରଚାରର ମଙ୍ଗ ସମ୍ଭାଳୁଛନ୍ତି ପତ୍ନୀ ଓ ଝିଅ



**ସୋନପୁର, ୧୨।୫(ସମିସ):** ସୋନପୁର ବିଧାନସଭା ନିର୍ବାଚନମଣ୍ଡଳିର ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ନିର୍ବାଚନ ପ୍ରଚାରର ମଙ୍ଗ ସମ୍ଭାଳୁଛନ୍ତି ତାଙ୍କ ପତ୍ନୀ ଏବଂ ଝିଅ। ତାଙ୍କ ଝିଅ ସିନ୍ଧୁନନ୍ଦିନୀ ନାୟକ ଗାଁ ଗାଁ ବୁଲି ବାପାଙ୍କୁ ଭୋଟ୍ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରୁଛନ୍ତି। ଅଞ୍ଚଳରେ ବାପାଙ୍କ ସମୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ଶ୍ରୀ ପୂଜାରୀଙ୍କ ପତ୍ନୀ ବୀଣାପାଣି ପୂଜାରୀ ମଧ୍ୟ ସ୍ୱାମୀଙ୍କୁ ଜିତାଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି। ଦଳର ମହିଳା ନେତ୍ରୀଙ୍କ ସହ ଗାଁକୁ ଗାଁ ବୁଲି ସ୍ୱାମୀଙ୍କ ପାଇଁ ପ୍ରଚାର କରୁଛନ୍ତି। ବିଭିନ୍ନ ଗାଁରେ ମା, ଝିଅଙ୍କୁ ଗ୍ରାମବାସୀ ସ୍ୱାଗତ କରୁଥିବା ଦେଖିବାକୁ ମିଳୁଛି। ସାଙ୍ଗରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ପ୍ରମୁଖ ବିଭିନ୍ନ ଗାଁ ବୁଲି ନିରଞ୍ଜନଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

# ଘୂର୍ଣ୍ଣିଝଡ଼ରେ ଭାଙ୍ଗିଲା ଟାୱାର, ଉଡ଼ିଲା ଛପର





**ହରଭଙ୍ଗା, ୧୨।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଶନିବାର ବିଳମ୍ବିତ ରାତିରେ ଅଦିନିଆ ଘୂର୍ଣ୍ଣିଝଡ଼ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘୂର୍ଣ୍ଣିଝଡ଼ ସହ ଘଡଘଡି ଓ ଝିପିଝିପି ବର୍ଷା ପ୍ରଭାବରେ ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି। ମହାନଦୀ ବନ୍ୟପ୍ରାଣୀ କୁସଙ୍ଗ ରେଞ୍ଜ ଅଧୀନ ଶ୍ରୀପାଜୁ ବିଟ୍ ପରିସରରେ ଥିବା ୱେୟାରଲେସ୍ ଟାୱାର ଭାଙ୍ଗି ଯାଇଛି। ମହାଲ୍ଲିକପଡ଼ା ପଞ୍ଚାୟତ ତଇଲା ସାହିର ଅର୍ଣ୍ଣପୂର୍ଣ୍ଣା ଦୀପ, ଝିଲି ରାଣୀ ଦୀପ, କଳ୍ପନା ଦୀପ, ଭାରତୀ ବେହେରା, ମହାରଥୀ ବେହେରା, ଧୂବେଇ ନାଏକ ଓ ଗେରେଡି ସାହିର ସୁରେଶ ବେହେରାଙ୍କ ଘରର ଛପର ଉଡିଯାଇଛି। ବ୍ଲକର ବିଭିନ୍ନ ଗ୍ରାମ ଓ ରାସ୍ତାରେ ଗଛ ଡାଳ ଭାଙ୍ଗି ପଡ଼ିଥିବାରୁ ଗମନାଗମନ ପ୍ରଭାବିତ ହୋଇଛି।

# ବୌଦ୍ଧରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ



**ବୌଦ୍ଧ, ୧୨।୫(ସମିସ):** ପତଞ୍ଜଳି ଯୋଗପୀଠ ହରିଦ୍ୱାର ପକ୍ଷରୁ ରାଜ୍ୟ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ଦୁଇ ଦିନିଆ ବୌଦ୍ଧ ଗସ୍ତ କରିଛନ୍ତି। ମହାନଦୀ ଆଳତି ଘାଟରେ ସେ ଆଳତି କରିଥିଲେ। ସେହିଭଳି ମାଉସୀ ମା' ମନ୍ଦିର ଓ ମହାନଦୀ ଆଳତିଘାଟରେ ଅନୁଷ୍ଠିତ ଦୈନିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବୌଦ୍ଧ ତହସିଲ ଅଧୀନ ଜହ୍ନାପଙ୍କରେ ଯୋଗ ପ୍ରଚାର ସଂକଳ୍ପ ଦିବସରେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଙ୍ଘ କାର୍ଯ୍ୟାଳୟ ପରିସରରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟରିଣୀ ସଦସ୍ୟ ଦେବାଶିଷ ପୁରୋହିତ ଯୋଗ ଦେଇଥିଲେ।

# ବିନିକା ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ



**ବିନିକା, ୧୨।୫(ସମିସ):** ବିନିକା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଝଡ଼ ତୋଫାନ, କୁଆ ପଥର ସହ ବର୍ଷା ଯୋଗୁ ବହୁ କ୍ଷୟକ୍ଷତି ଘଟିଛି। ପ୍ରବଳ ପବନ ସହ ଘଡଘଡି ବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ବର୍ଷା ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଧାନଗଛ ତଳେ ପଡ଼ି କ୍ଷତି ହୋଇଛି। ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କୌଡିଆମୁଣ୍ଡାରେ ପ୍ରବଳ ଝଡ଼ତୋଫାନ ହେବାରୁ କେନାଲ କଲୋନୀରେ ଗଛ ଭାଙ୍ଗିଛି। ଗ୍ରାମର ସୁବଳ ଘିବିଲାଙ୍କ ଆଜବେଷ୍ଟସ ଉଡିଯାଇଛି।

## ସାହାଜବାହାଲରେ ଅଗ୍ନିକାଣ୍ଡ

**ବିନିକା, ୧୨।୫(ସମିସ):** ବିନିକା ବ୍ଲକ ମେଘଲା ପଞ୍ଚାୟତ ସାହାଜବାହାଲ୍ ଖାତିପଡ଼ାରେ ଅଗ୍ନିକାଣ୍ଡ ଘଟିଛି। ୩ଟି ପରିବାରର ୩ ବଖରା ଘର ଜଳି ଯାଇଛି। ପ୍ୟାରୀ ମାଝି ରୋଷେଇ କରୁଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଏହା ଦେଖି ପରିବାର ଲୋକେ ଚିତ୍କାର କରିଥିଲେ। ତୁରନ୍ତ ପଡ଼ାବାସୀ ଏକତ୍ରିତ ହୋଇ ନିଆଁ ଲିଭାଇଥିଲେ। ଏହାସତ୍ତ୍ୱେ ପ୍ୟାରୀ ମାଝି, ବିଷ୍ଣୁ ମାଝି ଏବଂ ଗଇଲ ମାଝୀଙ୍କ ଗୋଟିଏ ଲେଖାଏଁ ବଖରା ଘର ଜଳି ଯାଇଥିଲା। ଏଥିସହ ଘରେ ଥିବା ଚାଉଳ, ଡାଲି, ଆସବାବପତ୍ର, ଗୋଟିଏ ମୋବାଇଲ ଜଳି ଯାଇଛି। ଖବର ପାଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ତାଙ୍କ ପୁଅ ମାନଭଞ୍ଜନ ବେହେରାଙ୍କ ସମେତ ବିଜେଡ଼ି କର୍ମୀ ପହଞ୍ଚି କ୍ଷତିଗ୍ରସ୍ତ ବିଷ୍ଣୁ ମାଝି, ପ୍ୟାରି ମାଝୀଙ୍କ ପରିବାରକୁ ଚାଉଳ ଡାଲି, ତେଲ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ମଦନା ମହାକୁର ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରଛନ୍ତି। ଏ ନେଇ ବିନିକା ତହସିଲଦାର ସୀତାରାମ ଭୋଇଙ୍କୁ ପଚାରିବାରୁ ସେ ଖବର ପାଇଥିବା ପ୍ରକାଶ କରିଛନ୍ତି।



## ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

# ନିର୍ବାଚନ ଗାଇଡ୍‌ଲାଇନ୍ କଡ଼ାକଡ଼ି ନିର୍ଦ୍ଦେଶ

**ସୋନପୁର, ୧୨।୫(ସମିସ)**



ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୪ ନିର୍ବାଚନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୁଲିସ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ଅଧିକାରୀ ହିମାଳିନୀ କାସ୍ୟପ ସୁବର୍ଣ୍ଣପୁର ଏଥିରେ ଉପସ୍ଥିତ ଥିଲେ। ନିର୍ବାଚନ ଗାଇଡଲାଇନ କଡ଼ାକଡ଼ି ପାଳନ ଲାଗି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଓ ପ୍ରଶାସନିକ ପଦକ୍ଷେପ ଉପରେ ଏଥିରେ ତର୍ଜମା କରାଯାଇଛି। ଜିଲ୍ଲାର ନିର୍ବାଚନ ସ୍ଥିତି ବ୍ୟବସ୍ଥା ତଥା ପ୍ରସ୍ତୁତି ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ନିର୍ବାଚନ ପୂର୍ବ ପ୍ରସ୍ତୁତି ସହ ଆଦର୍ଶ ଆଚରଣ ବିଧିର ସୁନିଶ୍ଚିତ, ନିର୍ବାଚନ ସଂକ୍ରାନ୍ତୀୟ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଖର୍ଚ୍ଚ ହିସାବ ଓ ପରିଚାଳନା ତଥା ନିର୍ବାଚନ ସମ୍ପୃକ୍ତ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଛି। ସମସ୍ତ ଅଧିକାରୀ ସମନ୍ୱୟ ରଖି ବିଧି ବ୍ୟବସ୍ଥାର ପାଳନ ପୂର୍ବକ ଶାନ୍ତି ଶୃଙ୍ଖଳା ସହ ନିରପେକ୍ଷ, ଅବାଧ, ସ୍ୱଚ୍ଛ, ନିଷ୍ପାର ସହ ଦାୟିତ୍ୱ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ସଂସଦୀୟ କ୍ଷେତ୍ର ସାଧାରଣ ପର୍ଯ୍ୟବେକ୍ଷକ ରଞ୍ଜନ ଭିଶାଲ, ପୁଲିସ ପର୍ଯ୍ୟବେକ୍ଷକ ଶୈଳେନ୍ଦ୍ର ସିହ୍ନା, ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି ଶାହକର, ଖର୍ଚ୍ଚ ପର୍ଯ୍ୟବେକ୍ଷକ (ସଂସଦୀୟ କ୍ଷେତ୍ର) ବାୱକର ସ୍ୱପ୍ନିଲ ଶରଦ, ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ, ଏସ୍‌ପି ୟସ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବୀରମହାରାଜପୁର ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସୋନପୁର ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକଙ୍କ ସହ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ନିର୍ବାଚନ ପ୍ରସ୍ତୁତି ତଥା ଖର୍ଚ୍ଚ ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଏସ୍‌ପି ୟସ ପ୍ରତାପ ଶ୍ରୀମଲ ଆଇନ ଶୃଙ୍ଖଳା ନିମନ୍ତେ ପ୍ରସ୍ତୁତି ଓ କାର୍ଯ୍ୟକାରୀ ବିଷୟରେ ଅବଗତ କରାଇଥିଲେ। ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଜିଲ୍ଲାର ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡଲାଇନର ଅନୁପାଳନ ପୂର୍ବକ ଶାନ୍ତିପୂର୍ଣ୍ଣ, ନିରପେକ୍ଷ ତଥା ଅବାଧ ନିର୍ବାଚନ ପରିଚାଳନା ଉପରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧିକରୁ ଅଧିକ ମତଦାନ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ବାଚନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେବା ସହ ନିର୍ବାଚନରେ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଉପରେ ପଚାରି ବୁଝିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ନିର୍ବାଚନ ନୋଡାଲ ଅଧିକାରୀ, ଜିଲ୍ଲାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

